## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା, କଳସ ଶୋଭାଯାତ୍ରା

**ଚିତ୍ରକୋଣ୍ଡା,୩୧।୧(ଡି.ଏନ.ଏ.)-** ଚିତ୍ରକୋଣ୍ଡା ହରିଓମ କଲୋନୀ ବାସିନ୍ଦାଙ୍କ ଉଦ୍ୟମରେ କିଛି ଦିନ ହେବ ଏକ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ହୋଇଛି। ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଲାଗି ୩ ଦିନ ଧରି ପୂଜା ଚାଲିଛି। ସ୍ଥାନୀୟ ବନଦୁର୍ଗା ମନ୍ଦିର ନିକଟସ୍ଥ ନଦୀକୁଳରୁ ଶତାଧିକ ମହିଳା କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ନବନିର୍ମିତ ମନ୍ଦିରଠାରେ ପହଞ୍ଚିଥିଲେ। ଏହି ଅବସରରେ ପୂଜା ପାଠ, ହୋମ, ଅଷ୍ଟପହରୀ ନାମଯଜ୍ଞ ହୋଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଭୋଳାନାଥ ମଲିକ, ବିଶ୍ୱନାଥ ମଲିକ, ସୋନୁ ଖିଲଙ୍କ ସହ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

### ସଂଗ୍ରାମ ପଣ୍ଡା ନୂତନ ଉପଜିଲାପାଳ

**ପାରଳାଖେମୁଣ୍ଡି, ୩୧।୧ (ସ୍ୱ.ପ୍ର.) -** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ନୂତନ ଉପଜିଲାପାଳ ଭାବେ ସଂଗ୍ରାମ ଶେଖର ପଣ୍ଡାଙ୍କୁ ନିଯୁକ୍ତି ମିଳିଛି । ପ୍ରଶାସନ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ଉପଜିଲାପାଳ ଥିବା ରଜନୀକାନ୍ତ ସ୍ୱାଇଁଙ୍କୁ କେଉଁ ସ୍ଥାନରେ ନିଯୁକ୍ତି ମିଳିବ ସେ ବିଷୟରେ କୌଣସି ସୂଚନା ମିଳିନାହିଁ । ତେବେ ପଣ୍ଡା ଖୁବ ଶୀଘ୍ର ଦାୟିତ୍ୱ ନେବେ ବୋଲି ଜଣାପଡିଛି। ଏହା ପୂର୍ବରୁ ପଣ୍ଡା ଗଜପତି ଜିଲାର ଗୋଷାଣୀ ବ୍ଲକ ଉନ୍ନୟନ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଜିଲାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିବାରୁ ସେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଏବଂ ଅଧପନ୍ତରିଆ ଭାବେ ପଡି ରହିଥିବା କାର୍ଯ୍ୟଗୁଡିକୁ ତରାନ୍ୱିତ କରିବାରେ ସହାୟକ ହେବେ ବୋଲି କୁହାଯାଉଛି ।

### ନିଜକୁ ସୁନାଗରିକ ଭାବେ ଗଢିବାକୁ ପରାମର୍ଶ

**ପାରଳାଖେମୁଣ୍ଡି, ୩୧।୧ (ସ୍ୱ.ପ୍ର.) -** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଲିଙ୍ଗରାଜ ଦାସ, ମୁଖ୍ୟବକ୍ତା ପ୍ରସାଦ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଜଗଦୀଶ ପାଢୀ, ଭାଗବତ ପାଢୀ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ତଥା ନିଜକୁ ସୁନାଗରିକ ଭାବେ ଗଢି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିବାବେଳେ କ୍ରୀଡା ଶିକ୍ଷକ ଉମା ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

# ବ୍ୟାଙ୍କ କର୍ମଚାରୀଙ୍କ ୨ ଦିନିଆ ଧର୍ମଘଟ

## ନେଣଦେଣ କାରବାର ସବୁ ବନ୍ଦ

**ମାଲକାନଗିରି,୩୧।୧ (ଡି.ଏନ.ଏ.)–** ଶୁକ୍ରବାର ମାଲକାନଗିରି ଜିଲା ସଦର ମହକୁମା ସହ ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ବ୍ୟାଙ୍କଗୁଡିକର କର୍ମଚାରୀମାନେ ୨ ଦିନିଆ ଧର୍ମଘଟରେ ସାମିଲ୍ ହୋଇଛନ୍ତି।। ଫଳରେ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟଙ୍କା ନେଣଦେଣ କ୍ଷେତ୍ରରେ ବାଧା ସୃଷ୍ଟି ହୋଇଛି। ମାଲକାନଗିରି ଜିଲା ସଦର ମହକୁମା ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟଶାଖାର ଫାଟକ ସମ୍ମୁଖରେ କର୍ମଚାରୀମାନେ ତାଲା ପକାଇ ଭିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ଷ୍ଟେଟ୍‌ବ୍ୟାଙ୍କର ମାଲକାନଗିରି ଜିଲା କର୍ମଚାରୀ ସଂଘ ସଭାପତି ନୃସିଂହ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଛନ୍ତି। ଫଳରେ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ ଦିନ ଦିନ




ଧର୍ମଘଟରେ ସାମିଲ ହୋଇଥିବା ବ୍ୟାଙ୍କ କର୍ମଚାରୀମାନେ ।

ଧରି ସମସ୍ତ କାରବାର ବନ୍ଦ ରହିବ। କର୍ମଚାରୀଙ୍କ ଦାବିଗୁଡକ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇଥିବା ୧୫ ପ୍ରତିଶତ ବେତନ ବୃଦ୍ଧି ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ସଂଘର ଅନ୍ୟାନ୍ୟ ୧୨ ଟି ଦାବିକୁ ନେଇ ଏହି ଧର୍ମଘଟ ଚାଲିଛି। ଦେଶର ପ୍ରାୟ ୧୦ ଲକ୍ଷ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି।

# ଜାଲ୍ ନୋଟ କାରବାରରେ ୨ ଗିରଫ

**କାଲିମେଳା,୩୧।୧(ଡି.ଏନ.ଏ.)–** ଅନ୍ତଃରାଜ୍ୟ ଜାଲନୋଟ କାରବାର ଅଭିଯୋଗରେ ଛତିଶଗଡର ସୁକମା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ସୋରଜିତ ମଣ୍ଡଳ ଓ ଶୁକଜିତ ମଣ୍ଡଳ। ଉଭୟେ ଜାଲ୍ ନୋଟ୍ କାରବାରର ମାଷ୍ଟରମାଇଣ୍ଡ ଥିବା କୁହାଯାଉଛି। ସେମାନଙ୍କ ଘର ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମଭି–୭୯ ଅଞ୍ଚଳରେ ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ କୁହାଯାଇଛି। ଖବରରୁ ଜଣାପଡିଛି ସୋରଜିତ ଓ ଶୁକଜିତ ବହୁଦିନ ଧରି ଜାଲ୍‌ନୋଟ କାରବାରରେ ସମ୍ପୃକ୍ତ ଥିଲେ । ସେମାନେ ବିଭିନ୍ନ ସ୍ଥାନରେ ଏହି ଜାଲନୋଟ କାରବାର କରନ୍ତି। ମାଲାକନଗିରି ସୀମାନ୍ତ କୋଣ୍ଟାସ୍ଥିତ ଷ୍ଟେଟବ୍ୟାଙ୍କ ଶାଖାକୁ ଗତ ୩୦ରେ ସୋରଜିତ ଓ ଶୁକଜିତ ପ୍ରାୟ ଦେଢଲକ୍ଷ ନକଲି ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ ଜମା କରିବାକୁ ଯାଇଥିଲେ। ବ୍ୟାଙ୍କ କର୍ମଚାରୀମାନେ ମଧ ବିନା ଯାଞ୍ଚରେ ଏହି ଟଙ୍କାକୁ ଅସଲି ଭାବି ରଖିଥିଲେ। ପରେ ସେହି ଟଙ୍କାକୁ ଅନ୍ୟ କେତେକ ଗ୍ରାହକଙ୍କୁ ବ୍ୟାଙ୍କ ଦେବା ପରେ ଏହି ଟଙ୍କା ଅସଲି ନୁହେଁ ନକଲି ବୋଲି ଜଣାପଡିଥିଲା। ଏନେଇ କେତେକ ଗ୍ରାହକ ମଧ ବ୍ୟାଙ୍କ ମ୍ୟାନେଜରଙ୍କ ନିକଟରେ ଅଭିଯୋଗ କରିଥିଲେ। ମ୍ୟାନେଜର ଏହାକୁ ଗୁରୁତର ସହ ନେଇ ତଦନ୍ତ କରିଥିଲେ। ଏ ନେଇ ସେ ନିକଟସ୍ଥ ସୁକମା ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନାରେ ମଧ ଏତଲା ଦେଇଥିଲେ। ପୋଲିସ ବ୍ୟାଙ୍କରେ ପହଞ୍ଚି ଘଟଣାର ଛାନଭିନ କରିଥିଲା। ସେହିଦିନ କେଉଁମାନେ ଟଙ୍କା ଡିପୋଜିଟ କରିବାକୁ ଏହି ଶାଖାକୁ ଆସିଥିଲେ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ଯାଞ୍ଚରୁ ସୋରଜିତ ଓ ଶୁକଜିତଙ୍କ ହାତ ଥିବା ପୋଲିସ ଜାଣିବା ପରେ ସୁକମା ପୋଲିସର ଏକ ଟିମ୍ ଏମଭି–୭୯ ଅଞ୍ଚଳକୁ ଆସି ଉଭୟଙ୍କୁ ଗିରଫ କରି ଜାଲନୋଟକୁ ଜବତ କରିଛି । ଅଭିଯୁକ୍ତମାନେ ଏହି ନକଲି ଟଙ୍କା ଅନ୍ୟ କାହାକୁ ଦେଇଛନ୍ତି। ସେମାନେ ଏସବୁ କେଉଁଠୁ ଆଣିଲେ ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ, କାଲିମେଳା ଓ ପଡିଆ ବ୍ଲକରେ ଅଞ୍ଚଳରେ ମଧ କେତେକ ଜାଲ ନୋଟ ବାହାରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା।



ଜାଲ ନୋଟ କାରବାର କରି ଗିରଫ ହୋଇଥିବା ୨ ଅଭିଯୁକ୍ତ ।

# ଦୁର୍ଘଟଣା ହ୍ରାସ ନେଇ ଜିଲାପାଳଙ୍କ ଗୁରୁତ୍ୱ

## ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

**ପାରଳାଖେମୁଣ୍ଡି,୩୧।୧ (ସ୍ୱ.ପ୍ର.)** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟିର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଅଧକ୍ଷତା କରି ବିଭିନ୍ନ ଥାନା ଅଞ୍ଚଳରେ କିପରି ଦୁର୍ଘଟଣା ସଂଖ୍ୟା କମିବ ଏବଂ ସେଥିପାଇଁ କେଉଁ ସବୁ ଦିଗ ଉପରେ ଧ୍ୟାନଦେବା ଆବଶ୍ୟକ ସେ ବିଷୟରେ ମତ ରଖିଥିଲେ । ଏ ଦିଗରେ ସଚେତନ କାର୍ଯ୍ୟକ୍ରମ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଚଳିତ ମାସରେ ବିଭିନ୍ନ ସ୍ଥାନରେ ପୋଲିସ ଏବଂ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଧରପଗଡ କରାଯିବାରୁ ଦୁର୍ଘଟଣା ହ୍ରାସ ପାଇଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ମୁଖ୍ୟତଃ ଗାଡି ଚଳାଇବା ବେଳେ ହେଲମେଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ମଦ ପିଇ ଗାଡି ନ ଚଳାଇବା, ଚାରିଚକିଆ ଚଳାଇବା ବେଳେ ସିଟବେଲ୍ଟ ବାନ୍ଧିବା ଉପରେ ପୋଲିସ ପକ୍ଷରୁ କଡାକଡି କରିବା ପାଇଁ ଆଲୋଚନା ହୋଇଥିଲା । ସ୍କୁଲ ବସ୍ ଏବଂ ଅଟୋରେ ଯେପରି ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ନେବା ଆଣିବା କରୁଛନ୍ତି ତାହା ଉପରେ ରୋକ ଲଗାଇବା ନେଇ ପ୍ରଶାସନ ଦୃଷ୍ଟି ଦେବାକୁ କୁହାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା, ଭାରପ୍ରାପ୍ତ ପରିବହନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ମୋଟରଯାନ ନିରୀକ୍ଷକ ବସନ୍ତ କୁମାର ମହାପାତ୍ରଙ୍କ ସହ ବିଭିନ୍ନ ଥାନାର ଅଧିକାରୀ ମାନେ ଉପସ୍ଥିତ ଥିଲେ ।




ଜିଲାପାଳଙ୍କ ଅଧକ୍ଷତାରେ ବସିଥିବା ବୈଠକ ।

### ୨୨ ୱାରେଣ୍ଟି ଗିରଫ

**ଭଞ୍ଜନଗର,୩୧।୧(ଡି.ଏନ.ଏ)–** ତାରସିଂ ପୋଲିସ ବିଗତ ୨ଦିନ ମଧ୍ୟରେ ୨୨ଜଣଙ୍କୁ ୱାରେଣ୍ଟ ବଳରେ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ଜଣ ୨ଟି ମାମଲାରେ ଜଡିତ ଥାଇ ଘଟଣା ଦିନଠୁ ଫେରାର ଥିବାବେଳେ ଆଉ କେତେଜଣ ଅଭିଯୁକ୍ତ କୋର୍ଟରେ ନିୟମିତ ହାଜର ନେ ହେବା ଯୋଗୁ ୱାରେଣ୍ଟ ଜାରି ହୋଇଥିଲା। ଅପରାଧ ଦମନ ପାଇଁ ପୋଲିସ ପକ୍ଷରୁ ବିଗତ କିଛିଦିନ ଏହିଭଳି ଅଭିଯାନ ଚାଲିଛି ବୋଲି ଥାନା ଅଧିକାରୀ କହିଛନ୍ତି ।

# କୋଟିଏ ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ

**ପାରଳାଖେମୁଣ୍ଡି, ୩୧।୧ (ସ୍ୱ.ପ୍ର.)** ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ପଞ୍ଚାୟତର ମଇଷିଖତ ଅଞ୍ଚଳରେ ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ମିଳିତ ଚଢାଉ କରି ବିପୁଳ ପରିମାଣରେ ଗଞ୍ଜେଇ ଚାଷକୁ ନଷ୍ଟ କରିଛି । ଜିଲାପାଳ ଅନୁପମ ଶାହା, ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଏହି ମିଳିତ ଚଢାଉ କରାଯାଇଥିଲା । ଚଢାଉ ବେଳେ ୫ ଏକର ଜମିରେ କରାଯାଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯିବା ସହ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ପୋଡି ନଷ୍ଟ କରାଯାଇଥିବା ଜଣାପଡିଛି । ଏହି ଗଞ୍ଜେଇ ଗଛଗୁଡିକର ମୂଲ୍ୟ ପ୍ରାୟ ୧କୋଟି ଟଙ୍କା ହେବ ବୋଲି ଜଣାପଡିଛି।



ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କାଶୀନଗର, ୩୧।୧(ଡି.ଏନ.ଏ.)**



ଅତିଥିମାନେ ଜଣେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ଦେଉଛନ୍ତି ।

କାଶୀନଗର ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧକ୍ଷ ଚିତ୍ରି ସିମାଦ୍ରୀ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବିଡିଓ ରାଜେନ୍ଦ୍ର ପ୍ରସାଦ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମ ଚିହ୍ନଟ କରିଥିଲେ। ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୋଟ ୧୭୩ ଭିନ୍ନକ୍ଷମ ଯୋଗ ଦେଇଥିଲେ। ୧୫ ଜଣଙ୍କୁ ଟ୍ରାଇସାଇକେଲ, ୫ଜଣଙ୍କୁ ହୁଇଲ ଚେୟାର, ୮ ଜଣଙ୍କୁ ଶ୍ରବଣଯନ୍ତ୍ର , ୩ଜଣଙ୍କୁ ୱାକିଂ ଷ୍ଟିକ, ଏବଂ ୩୭ ଜଣଙ୍କୁ ବସପାସ ପ୍ରଦାନ କରାଯାଇଥିଲା । ପାରଳାଖେମୁଣ୍ଡିର ଡାକ୍ତର ଶାନ୍ତନୁ ପାଢୀ, ଡା. ରଶ୍ମିକାନ୍ତ ମିଶ୍ର, ଡାକ୍ତର ସରୋଜ ଚନ୍ଦ୍ର ପାତ୍ର, ଡାକ୍ତର ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ ।

# ଟ୍ରାଫିକ ସମସ୍ୟା, ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱ

## ଆମ ପୋଲିସ ବୈଠକ

**କାଶୀନଗର, ୩୧।୧(ଡି.ଏନ.ଏ.)** କାଶୀନଗର ଥାନା ପରିସରରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଆନନ୍ଦଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର ମମତା ପଣ୍ଡା, ଏସଆଇ ଟି. ଗଙ୍ଗାରାଓ ପ୍ରମୁଖ ଉପସ୍ଥିତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବାହାରେ ମଳତ୍ୟାଗ ସମସ୍ୟା ତଥାପି ରହିଥିବାରୁ ଏନେଇ ସଚେତନତା ସୃଷ୍ଟି କରି କାର୍ଯ୍ୟାନୁଷ୍ଠାନ ଜରିଆରେ ରୋକିବା ପାଇଁ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ୱାର୍ଡ ନଂ ୭ରେ ରାତିରେ ମଦ୍ୟପଙ୍କ ଆଡ୍ଡା, ୱାର୍ଡ ନଂ ୧, ୨, ୩ରେ ଦେଶୀମଦ ବିକ୍ରି ଓ ବସଷ୍ଟାଣ୍ଡକୁ ଲାଗି ରହିଥିବା ବିଦେଶୀ ମଦ ଦୋକାନ ସମ୍ପର୍କରେ ଆଲୋଚନା ହୋଇଥିଲା । ସେମାନଙ୍କ ଅଞ୍ଚଳରେ ମଦ ଦୋକାନ ରହିଥିବାରୁ ଝିଅବୋହୂଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି କେତେକ ବ୍ୟକ୍ତି ଅଭିଯୋଗ କରିଥିଲେ। ବାଲି ଟ୍ରକ ମୁଖ୍ୟ ରାସ୍ତା ଦେଇ ଯାତାୟାତ କରୁଥିବାରୁ ସମସ୍ୟା ଉପୁଜୁଛି। ଏନେଇ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଥାନା ନିକଟସ୍ଥ ଚର୍ଚ୍ଚ ପାଖରୁ ରିଂରୋଡ ନିର୍ମାଣ କରି ସେ ରାସ୍ତାରେ ବାଲିଟ୍ରକ ଛାଡିବା, ସହରରୁ ଜବରଦଖଲ ହଟାଇବାକୁ ଉପସ୍ଥିତ ଲୋକେ ଦାବି କରିଥିଲେ। ଆଇଆଇସି ପାତ୍ର କହିଥିଲେ ଯେ,ସେ ଟ୍ରାଫିକ ସମସ୍ୟା ଓ ଜବରଦଖଲ ହଟାଇବା ନେଇ ଗଜପତି ଏସପିଙ୍କ ସହ ଆଲୋଚନା କରିବେ। ତହସିଲଦାର ଓ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଏନେଇ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୋଲିସ ପକ୍ଷରୁ ଟ୍ରାଫିକ ନିୟମ ମାନିବା, ଏଟିଏମରୁ ଚୋରି ପ୍ରତି ସତର୍କ ରହିବାକୁ ଉପସ୍ଥିତ ଜନସାଧାରଣଙ୍କୁ କୁହାଯାଇଥିଲା । ଏନ୍ଏସି ପକ୍ଷରୁ ପବ୍ଲିକ ଟଏଲେଟ କରାଯିବାକୁ ପୂର୍ବତନ ଏନ୍ଏସି ଉପାଧକ୍ଷ ଏସ. ବୈକୁଣ୍ଠରାଓ ଦାବି କରିଥିଲେ। ପ୍ରଥମେ କାଶୀନଗର ଓ ପରେ ବିଭିନ୍ନ ପଞ୍ଚାୟତରେ ବାଳିକା ସଶକ୍ତୀକରଣ ଓ ଟ୍ରାଫିକ ନିୟମ ନେଇ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ର ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଇଆଇସି ପାତ୍ର କହିଥିଲେ ଯେ କେତେକ ବରିଷ୍ଠ ନାଗରିକଙ୍କ ନାମ ସଂଗ୍ରହ କରାଯାଇଛି । ସେମାନଙ୍କୁ ପରିଚୟପତ୍ର ଦେବା ଲାଗି କାମ ଚାଲିଛି ।




ବୈଠକରେ ପୋଲିସ ଅଧିକାରୀ ବିଭିନ୍ନ ଅଭିଯୋଗ ଶୁଣୁଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

